# NATIONAL NEWS BULLETIN (ODIA)
## 9 January - 2026
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେବ ବିକଶିତ ଭାରତ ଯୁବ ନେତା ସଂଳାପ ୨୦୨୬ର ଦ୍ୱିତୀୟ ସଂସ୍କରଣ ।
- ଆତଙ୍କବାଦ ଭିତ୍ତିଭୂମି ଓ ଆତଙ୍କୀ ପାଣ୍ଠିର ମୂଳୋତ୍ପାଟନ ପାଇଁ ଆତଙ୍କବାଦ ବିରୋଧି ଅଭିଯାନ ଜାରି ରଖିବା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଉଲ୍ଲେଖନୀୟ ସେବା ଓ ଅବଦାନ ପାଇଁ ଆଜି ନୂଆଦିଲ୍ଲୀରେ ୧୦୦ ଜଣ ଅଧିକାରୀଙ୍କୁ ପ୍ରଦାନ କରାଯିବ ରେଳ ସେବା ପୁରସ୍କାର ।
- ବିଶ୍ୱ ସବୁଜ ଜଳବାୟୁ ପାଣ୍ଠି ସମେତ ୬୬ଟି ଆନ୍ତର୍ଜାତିକ ସଂଗଠନ ଚୁକ୍ତି ଓ ମେଣ୍ଟରୁ ଓହରିଲା ଆମେରିକା ।

ଏବଂ

- ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଆଜି କ୍ୱାର୍ଟର୍ ଫାଇନାଲ୍‌ରେ ଖେଳିବେ ୩ ଭାରତୀୟ ଖେଳାଳି ।

# ୟଙ୍ଗ୍ ଲିଡର୍ସ୍ ଡାଇଲଗ୍

ବିକଶିତ ଭାରତ ଯୁବ ନେତା ସଂଳାପ ୨୦୨୬ ର ଦ୍ୱିତୀୟ ସଂସ୍କରଣ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ। ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଉପସ୍ଥିତିରେ ଆସନ୍ତାକାଲି ଆନୁଷ୍ଠାନିକ ଭାବେ ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୨ ତାରିଖରେ ଉଦ୍ୟାପନୀ ସମାରୋହରେ ଯୋଗଦେବେ।

ଶ୍ରୀ ମାଣ୍ଡବ୍ୟ କହିଛନ୍ତି ଯେ ଏହି ୪ ଦିନିଆ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶରୁ ୨ ହଜାର ୫୦୦ ରୁ ଅଧିକ ଯୁବକ ଅଂଶଗ୍ରହଣ କରିବେ। ଇସ୍ରୋ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଗ୍ରୁପ୍ କ୍ୟାପ୍ଟେନ୍ ପ୍ରସାନ୍ତ ନାୟାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଯୁବ ପିଢ଼ିଙ୍କ ସହ ଭାବ ବିନିମୟ କରିବେ । ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମନପ୍ରୀତ କୌର, ପୁଲେଲା ଗୋପୀଚାନ୍ଦ, ଲିଆଣ୍ଡର ପେସ୍, ପାଲକୀ ଶର୍ମା, କୈବଲ୍ୟ ଭୋହରା, ଶିବବ୍ରତ ଦାସ ଏବଂ ଆନନ୍ଦ କୁମାରଙ୍କ ସମେତ ପଦ୍ମ ପୁରସ୍କାର ବିଜେତା, ଯୁବ ସାଂସଦ ଏବଂ ବିଧାୟକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

## ଶାହା-ଜେଆଣ୍ଡକେ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି, ଆତଙ୍କବାଦ ଭିତ୍ତିଭୂମି ଏବଂ ଆତଙ୍କୀ ପାଣ୍ଠିର ମୂଳୋତ୍ପାଟନ ପାଇଁ ଆତଙ୍କବାଦ ବିରୋଧୀ ଅଭିଯାନ ମିଶନ ମୋଡ୍‌ରେ ଜାରି ରହିବା ଉଚିତ। ଜମ୍ମୁ-କଶ୍ମୀର ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକର ଅଧ୍ୟକ୍ଷତା କରି ଶ୍ରୀ ଶାହା କହିଛନ୍ତି, ଆତଙ୍କବାଦ ମୁକ୍ତ ଜମ୍ମୁ-କଶ୍ମୀର ଲକ୍ଷ୍ୟ ହାସଲ କରିବା ପାଇଁ ସରକାର ସବୁ ପ୍ରକାର ସହାୟତା ଯୋଗାଇଦେବେ । ସେ କହିଛନ୍ତି, ଧାରା ୩୭୦ ଉଚ୍ଛେଦ ପରେ ହାସଲ ହୋଇଥିବା ସଫଳତାକୁ ବଜାୟ ରଖିବା ପାଇଁ ସମସ୍ତ ସୁରକ୍ଷା ସଂସ୍ଥା ସଜାଗ ରହିବା ସହ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ୍ । ବୈଠକରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଆଇବି ନିର୍ଦ୍ଦେଶକ ତପନ କୁମାର ଡେକା ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବ, ଡିଜିପି, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀମୁଖ୍ୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରେଲୱେ ଆୱାର୍ଡ଼ସ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ୧୦୦ ଜଣ ରେଳ ଅଧିକାରୀଙ୍କୁ ୭୦ତମ ଅତି ବିଶେଷ ରେଳ ସେବା ପୁରସ୍କାର ୨୦୨୫

ପ୍ରଦାନ କରିବେ । ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରେଳ ଜୋନଗୁଡ଼ିକୁ ୨୬ଟି ସିଲ୍ ପ୍ରଦାନ କରାଯିବ। ଭାରତୀୟ ରେଳବାଇରେ ଉଲ୍ଲେଖନୀୟ ସେବା ଓ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ।

ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରେଳ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଏବଂ ରଭନୀତ ସିଂହ, ରେଳ ବୋର୍ଡର ଅଧ୍ୟକ୍ଷ ଏବଂ ସିଇଓ ସତୀଶ କୁମାର, ରେଳ ବୋର୍ଡର ସଦସ୍ୟ ଏବଂ ବିଭିନ୍ନ ରେଳ ଜୋନ ଏବଂ ଉତ୍ପାଦନ ୟୁନିଟର ମହାପ୍ରବନ୍ଧକମାନେ ଯୋଗଦେବେ। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମହାକୁମ୍ଭ ଭଳି ବୃହତ କାର୍ଯ୍ୟକ୍ରମ ସମୟରେ ସୁରକ୍ଷିତ ଏବଂ ସୁଗମ ରେଳ ପରିଚାଳନା ସୁନିଶ୍ଚିତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ୨୬ଟି ସିଲ୍ ପ୍ରଦାନ କରାଯିବ।

ଅନ୍ୟ ପକ୍ଷରେ ଅପରେସନ ସିନ୍ଦୂର ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ପାଇଁ କେତେ ଜଣ ଅଧିକାରୀଙ୍କୁ ସମ୍ମାନିତ କରାଯିବ ।

## ପ୍ରଗତି-ସ୍ପେଶାଲ ଷ୍ଟୋରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ପ୍ରଗତି ପ୍ଲାଟ୍‌ଫର୍ମ  ଏହାର ୫୦ତମ ବୈଠକ ଶେଷ କରିଛି । ୨୦୧୫ ରେ ଶ୍ରୀ ମୋଦୀଙ୍କ ଦ୍ୱାରା ଏହି ପ୍ଲାଟ୍‌ଫର୍ମ୍‌ର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ଏହାକୁ ସଫଳତାରେ ପରିଣତ କରିଛି । ଏହି ପ୍ରଗତି ମଞ୍ଚରେ କେନ୍ଦ୍ର କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ ନିରନ୍ତର ପଦକ୍ଷେପ ନେଉଛନ୍ତି ।  ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ପ୍ରଗତି ମଞ୍ଚରେ ଶକ୍ତି କ୍ଷେତ୍ରର ପ୍ରକଳ୍ପଗୁଡ଼ିକର ସମସ୍ୟା କିଭଳି ସମାଧାନ ହୋଇଥିଲା ।

ଶକ୍ତି କ୍ଷେତ୍ରରେ ସାଧାରଣତଃ ପ୍ରଶାସନିକ, ବୈଷୟିକ, ନିୟାମକ ଏବଂ ପ୍ରାକୃତିକ କାରଣ ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଗତି ମଞ୍ଚରେ ୧୦ ଦଶମିକ୍ ୫୩ ଲକ୍ଷ କୋଟି ଟଙ୍କା ସମ୍ବଳିତ ୨୩୭ଟି ବିଦ୍ୟୁତ ପ୍ରକଳ୍ପର ସମୀକ୍ଷା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ସ୍ତରରେ ୪ ଦଶମିକ୍ ୧/୨ ଲକ୍ଷ କୋଟି ଟଙ୍କାର ମୋଟ ୫୩ଟି ବିଦ୍ୟୁତ ପ୍ରକଳ୍ପ ସମୀକ୍ଷା କରାଯାଇଥିବା ବେଳେ ଏଥିରେ ପରିବହନ ସମ୍ପର୍କିତ ୨୭ଟି, ୧୪ଟି ଥର୍ମାଲ, ୯ଟି ଜଳବିଦ୍ୟୁତ ଏବଂ ତିନୋଟି କୋଇଲା ଖଣି ପ୍ରକଳ୍ପ ରହିଛି । ଏଥିରୁ ୩ ଲକ୍ଷ କୋଟି ଟଙ୍କାର ୪୩ଟି ବିଳମ୍ବିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି ଏବଂ ଅବଶିଷ୍ଟ ପ୍ରକଳ୍ପ

ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏଡି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶର ଗଦରୱାରା  ସୁପର ଥର୍ମାଲ୍ ବିଦ୍ୟୁତ ପ୍ରକଳ୍ପ ଏବଂ କ୍ଷେତ୍ରୀ-ନରେଲା ପରିବହନ ପ୍ରକଳ୍ପ ରହିଛି। ପ୍ରଗତି ମଞ୍ଚର ହସ୍ତକ୍ଷେପ ପରେ ଅନେକ ବିଦ୍ୟୁତ୍ ଉତ୍ପାଦନ ଏବଂ ପରିବହନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିଦ୍ୟୁତ୍ ଉପଲବ୍ଧତା ବୃଦ୍ଧି ପାଇଛି ।

## ୟୁଏସ୍-ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ

ଆମେରିକାର ଅର୍ଥ ବିଭାଗ ସବୁଜ ଜଳବାୟୁ ପାଣ୍ଠିରୁ  ଓହରି ଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ *୬୬*ଟି ଅନ୍ତର୍ଜାତୀୟ ସଂଗଠନ, ଚୁକ୍ତି ଏବଂ ମେଣ୍ଟରୁ ୱାଶିଂଟନ ପ୍ରତ୍ୟାହାର ଘୋଷଣା କରିବାର ଗୋଟିଏ ଦିନ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଆମେରିକାର ଅର୍ଥ ସଚିବ କହିଛନ୍ତି, ଆମେରିକାର ଆବଶ୍ୟକତା ପୂରଣ କରିବା ଦିଗରେ ସବୁଜ ଜଳବାୟୁ ପାଣ୍ଠି ବିଫଳ ହୋଇଛି ।

ସୂଚନା ଯୋଗ୍ୟ ସବୁଜ ଜଳବାୟୁ ପାଣ୍ଠି ହେଉଛି ବିକାଶଶୀଳ ଦେଶଗୁଡ଼ିକୁ ସମର୍ଥନ କରିବା ପାଇଁ ଉତ୍ସର୍ଗୀକୃତ ବିଶ୍ୱର ସର୍ବବୃହତ ଜଳବାୟୁ ପାଣ୍ଠି।

# ଟିଏନ୍-ପୋର୍ଟ୍ ପ୍ରୋଜେକ୍ଟ

କେନ୍ଦ୍ର ସରକାର ତାମିଲନାଡୁରେ ୨୩୫ କୋଟି ଟଙ୍କାର ବନ୍ଦର ଭିତ୍ତିଭୂମି ଏବଂ ଡିଜିଟାଲ୍ ଶାସନ ପ୍ରକଳ୍ପ ଆରମ୍ଭ କରିଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ରାଜ୍ୟର ସାମୁଦ୍ରିକ କ୍ଷମତାକୁ ସୁଦୃଢ଼ କରି ଭାରତର ସାମୁଦ୍ରିକ ନେତୃତ୍ୱ ବୃଦ୍ଧି କରିବା । ଗତକାଲି ଚେନ୍ନାଇରେ ଅନୁଷ୍ଠିତ 'ବିକଶିତ ଭାରତ, ବିକଶିତ ବନ୍ଦର' କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଏହି ପ୍ରକଳ୍ପଗୁଡ଼ିକୁ ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତ, ଏହି ପଦକ୍ଷେପଗୁଡ଼ିକ ଜଳବାୟୁ ସମର୍ଥିତ, ଡିଜିଟାଲ୍ ସକ୍ଷମ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବନ୍ଦର ନିର୍ମାଣ ଉପରେ କେନ୍ଦ୍ର ସରକାରଙ୍କ ଯୋଜନାକୁ ଲାଗୁ କରିବା ସହ ସୁରକ୍ଷା ଏବଂ ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବ।

ମୋଟ ବ୍ୟୟ ଅଟକଳ ମଧ୍ୟରୁ, ଚେନ୍ନାଇ ବନ୍ଦର ପ୍ରାଧିକରଣର ପ୍ରକଳ୍ପ ପାଇଁ ୧୨୯ ଦଶମିକ୍ ୩/୬ କୋଟି ଟଙ୍କା ଏବଂ କାମରାଜର ବନ୍ଦର ଲିମିଟେଡ୍ ପାଇଁ ୧୦୫ ଦଶମିକ୍ ୬/୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ଜଳବାୟୁ ସମର୍ଥିତ ଡିଜାଇନ୍ ବ୍ୟବହାର କରି ୮୫୦ ମିଟର ବିସ୍ତାରରେ ଉପକୂଳ ବର୍ଥ ସହ ମରାମତି ଏବଂ ସୁଦୃଢ଼ୀକରଣ ଓ ନୂତନ ଅଗ୍ନି ନିର୍ବାପକ ପମ୍ପ ହାଉସ ନିର୍ମାଣ କରାଯିବ ।

# ଟେକ୍ସଟାଇଲ୍-ଡିଷ୍ଟ୍ରିକ୍ଟ

ଗୁଆହାଟୀଠାରେ ଅନୁଷ୍ଠିତ ଜାତୀୟ ବୟନଶିଳ୍ପ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ବୟନଶିଳ୍ପ ମନ୍ତ୍ରଣାଳୟ ଜିଲ୍ଲା ନେତୃତ୍ୱାଧୀନ ବୟନଶିଳ୍ପ ପରିବର୍ତ୍ତନ ପଦକ୍ଷେପ ବିଷୟ ଉନ୍ମୋଚନ କରିଛନ୍ତି। ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଦେଶର ବୟନଶିଳ୍ପ କ୍ଷେତ୍ରରେ ଅନ୍ତର୍ଭୁକ୍ତି ସମ୍ପନ୍ନ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଏକ ରଣନୈତିକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପଦକ୍ଷେପ ଅଧୀନରେ ଜିଲ୍ଲାଗୁଡ଼ିକୁ ଚାମ୍ପିଅନ ଜିଲ୍ଲା ଏବଂ ଆକାଂକ୍ଷୀ ଜିଲ୍ଲାରେ ବର୍ଗୀକୃତ କରାଯାଇଛି।

ଚାମ୍ପିଅନ ଜିଲ୍ଲାଗୁଡ଼ିକ ପ୍ରତିବନ୍ଧକ ଦୂର କରିବା ଉପରେ ଧ୍ୟାନ ଦେବା ପାଇଁ ସ୍ଥିର କରାଯାଇଥିବା ବେଳେ ସୁବିଧା କେନ୍ଦ୍ରକୁ ଉନ୍ନତ କରିବା ଏବଂ ସିଧାସଳଖ ରପ୍ତାନି ବ୍ୟବସ୍ଥା ସହଜ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ। ଆକାଂକ୍ଷୀ ଜିଲ୍ଲାଗୁଡ଼ିକ ଭିତ୍ତିଭୂମି ସ୍ଥାପନ ଏବଂ ଇକୋସିଷ୍ଟମ ନିର୍ମାଣ ଉପରେ ଗୁରୁତ୍ୱ ଦେବେ । ବୟନ ଶିଳ୍ପ ମନ୍ତ୍ରଣାଳୟ ୧୦୦ଟି ଉନ୍ନତ ଜିଲ୍ଲାକୁ ବିଶ୍ୱ ରପ୍ତାନି ଚାମ୍ପିଅନରେ ପରିଣତ କରିବା ଏବଂ ୧୦୦ଟି ଆକାଂକ୍ଷୀ ଜିଲ୍ଲାକୁ ଆତ୍ମନିର୍ଭରଶୀଳ ହବ୍‌ରେ ଉନ୍ନୀତ କରିବା ନେଇ ଲକ୍ଷ୍ୟ ରଖିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସମ୍ପୃକ୍ତ ଅଞ୍ଚଳଗୁଡ଼ିକୁ ଆଦିବାସୀ

କ୍ଷେତ୍ର ବିକାଶ, ଯୋଗାଯୋଗରେ ଉନ୍ନତି ଏବଂ ଜି.ଆଇ. ଟ୍ୟାଗିଂ ପାଇଁ ପ୍ରାଥମିକତା ଦିଆଯାଇଛି ।

## ଫାଇନାନ୍ସ ସ୍ୱାମୀ ଫଣ୍ଡ

ସୁଲଭ ଏବଂ ମଧ୍ୟମ ଆୟ ବର୍ଗର ଲୋକଙ୍କ ନିମନ୍ତେ ଗୃହ ନିର୍ମାଣ ପାଇଁ **SWAMIH** ନିବେଶନିଧି ଜରିଆରେ ୩୬ ହଜାରରୁ ଅଧିକ କୁଶଳୀ ଏବଂ ଅଣକୁଶଳୀ ନିଯୁକ୍ତି ସୃଷ୍ଟି କରାଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ବ୍ୟାପାର ବିଭାଗର ଆର୍ଥିକ ସହାୟତାରେ ସ୍ୱାମୀ ନିଧି ଜରିଆରେ ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦେଶବ୍ୟାପୀ ୧୨୭ ପ୍ରକଳ୍ପରେ ୩୭ ହଜାର ୪୦୦ କୋଟିରୁ ଅଧିକ ପୁଞ୍ଜିନିବେଶ କରାଯାଇଛି । ଏଥିରେ ୯ କୋଟି ବର୍ଗଫୁଟ୍‌ରୁ ଅଧିକ ଅଞ୍ଚଳର ବିକାଶ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ଫଳରେ ଗୃହ କ୍ରେତାଙ୍କ ସ୍ୱାର୍ଥକୁ ସୁରକ୍ଷା ମିଳିବା ସହ ନିଯୁକ୍ତି ସୃଷ୍ଟି ହୋଇଛି ଏବଂ ଦେଶର ଅର୍ଥନୀତି ଦୃଢ଼ ହୋଇପାରିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ କେନ୍ଦ୍ର ସରକାର ଏବଂ ରାଜ୍ୟ ଗୁଡ଼ିକୁ ସେବା ଓ ସାମଗ୍ରୀ ଟିକସ, ସରକାରୀ ଦେୟ ଏବଂ ଷ୍ଟାମ୍ପ ଡ୍ୟୁଟି ଜରିଆରେ ୬ ହଜାର ୯୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ପ୍ରଦାନ କରିଛି। ବନ୍ଦ ଥିବା ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ପାଇଁ ୨୦ ଲକ୍ଷ ଟନ୍‌ରୁ

ଅଧିକ ସିମେଣ୍ଟ ଏବଂ ୫ଦଶମିକ୍ ୫ ଲକ୍ଷ ମେଟ୍ରିକ୍ ଟନ୍ ଇସ୍ପାତର ଚାହିଦା ସୃଷ୍ଟି ହୋଇଛି। ଏହି ଯୋଜନାରେ ୧ ଲକ୍ଷ ୬ ହଜାରରୁ ଅଧିକ ଚାରା ରୋପଣ କରାଯାଇଛି ।

ସୂଚନା ଯୋଗ୍ୟ ୨୦୧୯ ନଭେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପରେ ସ୍ୱାମୀ ଯୋଜନା ଆରମ୍ଭ କରାଯାଇଥିଲା ।

## ବ୍ୟାଡ୍‌ମିଣ୍ଟନ୍ ମାଲେସିଆ ଓପନ୍

ବ୍ୟାଡମିଣ୍ଟନରେ ଦୁଇଥର ଅଲିମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ ଆଜି କ୍ୱାଲାଲମ୍ପୁରରେ ମାଲେସିଆ ଓପନ୍ କ୍ୱାର୍ଟରଫାଇନାଲ୍‌ରେ ଜାପାନୀର ଆକାନେ ୟାମାଗୁଚିଙ୍କ ସହ ମୁକାବିଲା କରିବେ। ଗତକାଲି ସେ ରାଉଣ୍ଡ ଅଫ୍ ୧୬ରେ ଅଷ୍ଟମ ଯୋଗ୍ୟତା ପ୍ରାପ୍ତ ଜାପାନର ଟୋମୋକୋ ମିୟାଜାକିଙ୍କୁ ୨୧-୮, ୨୧-୧୩ରେ ପରାସ୍ତ କରିଥିଲେ।

ପୁରୁଷ ଡବଲ୍ସରେ ଆଜି କ୍ୱାର୍ଟରଫାଇନାଲ୍‌ରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଏବଂ ଚିରାଗ ଶେଟ୍ଟିଙ୍କ ଯୋଡ଼ି ଇଣ୍ଡୋନେସିଆନ୍‌ର ଏମ୍.ଏସ୍. ଫିକ୍ରି ଏବଂ ଏଫ୍. ଆଲଫିଆନ୍ ଯୋଡ଼ିଙ୍କ ସହ ମୁକାବିଲା କରିବେ। ଭାରତୀୟ ଯୋଡ଼ି ରାଙ୍କିରେଡ୍ଡି ଏବଂ ଶେଟ୍ଟି ପ୍ରାକ୍-କ୍ୱାର୍ଟରଫାଇନାଲ୍‌ରେ ମାଲେସିଆ ଯୋଡ଼ିଙ୍କୁ ୨୧-୧୮, ୨୧-୧୧ରେ ପରାସ୍ତ କରିଥିଲେ।

ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ଏବଂ ଆୟୁଷ ଶେଟ୍ଟି ପ୍ରି-କ୍ୱାର୍ଟରଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି ।